ଆପଣଙ୍କ ପ୍ରଶ୍ନ,ସନ୍ଦେହ କିମ୍ବା ପରାମର୍ଶ
ନିମନ୍ତେ ଦୟାକରି ଯୋଗାଯୋଗ କରନ୍ତୁ:


**-91-9445614044,**

**91-9444959658,**

**044-27430044**


# ବ୍ୟବସ୍ଥା ଓ ସୁସମାଚାର

# <u>LAW AND GOSPEL</u>

ତୁମ୍ଭ ବାକ୍ୟ ମୋ ଚରଣ ପାଇଁ ପ୍ରଦୀପ ଓ ମୋ ପଥ ପାଇଁ
ଆଲୁଅ ଅଟେ । (ଗୀତସଂହିତା 119:105) ।

# ବ୍ୟବସ୍ଥା ଓ ସୁସମାଚାରର ପ୍ରତିଫଳ

( ଲୁକ2:10-20) ଅନୁସାରେ ସୁସମାଚାର ଶୁଣିବାର ପ୍ରତିଫଳ ଖୁସି ଓ ଆନନ୍ଦ ଅଟେ ,କିନ୍ତୁ ( ଲୁକ 18:13) ଅନୁସାରେ ବ୍ୟବସ୍ଥା ଦ୍ୱାରା ପାପ ହେତୁ ଦୁଃଖର ଉତ୍ପନ୍ନ ହୁଏ ।ତଥାପି ଆମ୍ଭେ ବ୍ୟବସ୍ଥା ଓ ସୁସମାଚାର ଉଭୟ ପ୍ରତି ପ୍ରଚାର କରୁ ।( କାରଣ ଈଶ୍ୱରଙ୍କ ଇଚ୍ଛାନୁସାରେ ଯେଉଁ ଦୁଃଖ,ତାହା ପରିତ୍ରାଣ ନିମନ୍ତେ ଏପରି ମନପରିବର୍ତ୍ତନ ଜନ୍ମାଏ,ଯାହା ଶକାଶେ ଅନୁତାପ କରିବାକୁ ପଡ଼େ ନାହିଁ,ମାତ୍ର ସାଂସାରିକ ଦୁଃଖ ମୃତ୍ୟୁ ଜନ୍ମାଏ । ( 2କରିନ୍ଥୀୟ 7:10 ) । ଯେଉଁମାନେ ପ୍ରକୃତରେ ପରମେଶ୍ୱଙ୍କ ଦ୍ୱାରା ଆହୂତ ହୋଇ ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରନ୍ତି,ସେମାନେ ବ୍ୟବସ୍ଥାର ଅଭିଶାପରୁ ମୁକ୍ତ ହୋଇଛନ୍ତି ବୋଲି ପରମେଶ୍ୱରଙ୍କ ବାକ୍ୟ ଅନୁସାରେ ଆମ୍ଭେମାନେ ବିଶ୍ୱାସ କରୁ,ସ୍ୱୀକାର କରୁ ଓ ଶିକ୍ଷା ଦେଉ ।ସେମାନେ ଆପଣା କ୍ରିୟାକର୍ମରୁ ନୁହେଁ, କିନ୍ତୁ ପ୍ରଭୁ ଯୀଶୁଙ୍କଠାରେ

ବିଶ୍ୱାସ କରିବା ଦ୍ୱାରା ପୁନର୍ଜନ୍ମର ଅନୁଭବ ଲାଭ କରିଛନ୍ତି ଓ ଯୀଶୁଙ୍କଠାରେ ପରମେଶ୍ୱଙ୍କ ଧାର୍ମିକତା ସ୍ୱରୂପ ହୋଇଅଛନ୍ତି ।



ପବିତ୍ର ଜୀବନ, ସେ ଆମ୍ଭମାନଙ୍କ ନିମନ୍ତେ ଯାପନ କଲେ ଓ ତାହାଙ୍କଠାରେ ବିଶ୍ୱାସ କରି ଆମ୍ଭେମାନେ ଯେପରି ଅନନ୍ତ ଜୀବନ ପାଇପାରୁ, ସେଥିନିମନ୍ତେ ଆମ୍ଭମାନଙ୍କ ପାପର ଭାର ବହନ କଲେ ପୁଣି ପ୍ରାୟଶ୍ଚିତ ବଳିଦାନ ରୂପେ ଆମ୍ଭମାନଙ୍କ ନିମନ୍ତେ ଆପଣାକୁ କ୍ରୁଶାର୍ପିତ କଲେ ।ଅନ୍ୟ ପକ୍ଷରେ ବ୍ୟବସ୍ଥା ଆମ୍ଭମାନଙ୍କୁ ଦୋଷୀ ଓ ଦଣ୍ଡଯୋଗ୍ୟ ବୋଲି ଘୋଷଣା କରେ । ଆମ୍ଭମାନଙ୍କ ପରମେଶ୍ୱର ପବିତ୍ର, ଧାର୍ମିକ ଓ ସିଦ୍ଧ ଅଟନ୍ତି । ବ୍ୟବସ୍ଥା ପ୍ରତ୍ୟେକ ମନୁଷ୍ୟକୁ ପରମେଶ୍ୱର ତୁଲ୍ୟ ପବିତ୍ର ଓ ସିଦ୍ଧ ହେବାକୁ ଆଜ୍ଞା ଦିଏ,ଯାହା ମନୁଷ୍ୟ ପକ୍ଷରେ ସମ୍ଭବ ନୁହେଁ । **(ଅତଏବ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ଯେପରି ସିଦ୍ଧ,ତୁମ୍ଭେମାନେ ମଧ୍ୟ ସେପରି ସିଦ୍ଧ ହୁଅ) । (ମାଥିଉ 5:48,ଲେବୀୟ ପୁସ୍ତକ19:2 )** । ପରମେଶ୍ୱରଙ୍କ ବାକ୍ୟ ବାଇବଲ କହେ, ସମସ୍ତେ ପାପ କରିଅଛନ୍ତି, ଜଣେ ସୁଦ୍ଧା ଧାର୍ମିକ ନାହିଁ (ରୋମୀୟ 3:9-,23) । ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟ ପରମେଶ୍ୱରଙ୍କର ମେଷଶାବକ, ଯେ ସମସ୍ତ ଜଗତର ପାପ ବହିନେଇଯାଆନ୍ତି । (ଯୋହନ 1:29) । କେବଳ ସେ ହିଁ ଏକ ମାତ୍ର ଧାର୍ମିକ ମନୁଷ୍ୟ ,ପିତାଙ୍କ ଛାମୁରେ ଆମ୍ଭ ସମସ୍ତଙ୍କର ସପକ୍ଷବାଦୀ ଅଟନ୍ତି ।( 1ଯୋହନ 2:1) । ସେ ପବିତ୍ର, ଯାହାଙ୍କ ଠାରେ ପାପର ଲେଶ ମାତ୍ର ନାହିଁ । ( 2କରିନ୍ଥୀୟ 5:21) ଯଦି ପ୍ରଶ୍ନ ପଚାରାଯାଏ,ଆପଣ କିପରି ପରିତ୍ରାଣ ପାଇଲେ ? ଅନେକେ ଉତ୍ତର ଦେବେ, ଦଶ ଆଜ୍ଞା ପାଳନ କରିବା ଦ୍ୱାରା

# ବ୍ୟବସ୍ଥା ଓ ସୁସମାଚାର

ଆମ୍ଭେମାନେ ଆପଣା ଦୈନନ୍ଦିନ ଜୀବନରେ ପରମେଶ୍ୱରଙ୍କ ସତ୍ୟ ବାକ୍ୟର ଯଥାର୍ଥରୂପେ ବ୍ୟବହାର ଓ ପାଳନ କରିବାରେ ଅତ୍ୟନ୍ତ ଉଦ୍ ଯୋଗୀ ଅଟୁ ।(ସତ୍ୟ ବାକ୍ୟ ଯଥାର୍ଥରୂପେ ବ୍ୟବହାର କରି,ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ,ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର) । ( 2 ତୀମଥି 2:15) ।ପରମେଶ୍ୱରଙ୍କ ସତ୍ୟ ବାକ୍ୟର ଯଥାର୍ଥରୂପେ ବ୍ୟବହାର କରିବା ନିମନ୍ତେ ,ବାଇବଲର ଦୁଇଟି ମୂଖ୍ୟ ଶିକ୍ଷା, ବ୍ୟବସ୍ଥା ଓ ସୁସମାଚାର ପ୍ରଭେଦକୁ ଯଥାର୍ଥରୂପେ ଶିକ୍ଷା ଦେବା ନିତାନ୍ତ ଆବଶ୍ୟକ ।କେବେ, କିପରି ଓ କାହିଁକି ବ୍ୟବସ୍ଥା ଓ ସୁସମାଚାରର ଶିକ୍ଷା ଦେବା ଉଚିତ୍ ?

# ବ୍ୟବସ୍ଥା ଓ ସୁସମାଚାରର ପ୍ରଭେଦ

Issac Watts ନାମକ ଜଣେ ପରମେଶ୍ୱରଙ୍କ ସେବକ ଏକ ଇଂରେଜୀ କବିତା ମାଧମରେ ବ୍ୟବସ୍ଥା ଓ ସୁସମାଚାରର ପାର୍ଥକ୍ୟ ଯଥାର୍ଥରୂପରେ ଦର୍ଶାଇଅଛନ୍ତି । ଆପଣା ପରମେଶ୍ୱରଙ୍କ ପ୍ରତି ଆମ୍ଭମାନଙ୍କ

କର୍ତ୍ତବ୍ୟ କର୍ମଗୁଡ଼ିକୁ  ବ୍ୟବସ୍ଥା ଆମ୍ଭମାନଙ୍କୁ ଜଣାଏ ଓ କରିବାକୁ ଆଦେଶ ଦିଏ,କିନ୍ତୁ ପରମେଶ୍ୱରଙ୍କ ଇଛା ସାଧନ କରିବାର ଶକ୍ତି କେଉଁଠାରୁ ଆମ୍ଭମାନଙ୍କୁ ମିଳେ,ତାହା  ସୁସମାଚାର ଆମ୍ଭମାନଙ୍କୁ ପ୍ରକାଶ କରେ । ବ୍ୟବସ୍ଥା ସବୁବେଳେ ଆମ୍ଭମାନଙ୍କୁ ଆପଣା ପାପ ଓ ଅଧର୍ମର ବୋଧ କରାଏ ଓ ଆମ୍ଭମାନଙ୍କର ହୃଦୟର ମନ୍ଦ ଚିନ୍ତା ଗୁଡ଼ିକର ଆବିଷ୍କାର କରେ,କିନ୍ତୁ ସୁସମାଚାର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମୀ ପରମେଶ୍ୱରଙ୍କ ଅନନ୍ତ ପ୍ରେମ,ଅସୀମ ଅନୁଗ୍ରହ ଓ ପାପକ୍ଷମା ଇତ୍ୟାଦିର ପ୍ରକାଶ କରେ । ଯେତେବେଳେ ବ୍ୟବସ୍ଥା ଏକ  ପାପର ପରିଣାମ, ଅଭିଶାପ ଓ ମୃତ୍ୟୁକୁ ଦେଖାଏ,ସେତବେଳେ ସୁସମାଚାରରେ ଆମ୍ଭମାନଙ୍କର ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଆମ୍ଭମାନଙ୍କ ପ୍ରତି ପ୍ରେମ ଓ ଅଗଣିତ ପାପର କ୍ଷମାଦାନ ଦେଖାଏ ।ଶେଷରେ ପ୍ରଭୁଙ୍କ ଦାସ ଆପଣା ମନକୁ କହୁଅଛନ୍ତି, ହେ ମୋହର ମନ, ଯେଉଁ ବ୍ୟବସ୍ଥାରେ ଜୀବନ ପ୍ରତି କୌଣସି ଆଶା ନାହିଁ,ତାହାଠାରୁ ଦୂର ହୁଅ, ପୁଣି ଯେଉଁ ସୁସମାଚାର ଅନନ୍ତ ଜୀବନର ପ୍ରତିଜ୍ଞା ଦିଏ,ତାହାଠାରେ ଆସକ୍ତ ହୁଅ । ଆମେନ୍ । ଆମ୍ଭେମାନେ ଭଲଭାବେ ବୁଝୁଅଛୁ ଯେ, ଆମ୍ଭମାନଙ୍କ ମୁକ୍ତିଦାତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜୀବନ ଓ ମରଣ ଦ୍ୱାରା ଆମ୍ଭମାନଙ୍କୁ ମିଳୁଥିବା ଅନନ୍ତ ଜୀବନର ଭଲ ସମାଚାର କୁ ସୁସମାଚାର ବୋଲି କୁହାଯାଇଛି ।ଆମ୍ଭମାନଙ୍କ ଦ୍ୱାରା ଜୀବନ ଯାପନ କରିବା ଅସମ୍ଭବ



ଆମ୍ଭମାନଙ୍କ ଦୈନନ୍ଦିନ ଜୀବନରେ ପରମେଶ୍ୱରଙ୍କ ବାକ୍ୟ ଯଥାର୍ଥ ରୂପରେ ବ୍ୟବହାର କରିବାକୁ ଆମ୍ଭେମାନେ ସର୍ବଦା ଚେଷ୍ଟା କରୁ ।ଏହା ଆମ୍ଭମାନଙ୍କ ଜୀବନର ଏକ ଅଭିନ୍ନ ଅଂଗ ଅଟେ । ଆମ୍ଭେମାନେ ସର୍ବଦା ଏହି ବିଷୟର ଅଭ୍ୟାସ କରିଥାଉ,ଆଜୀବନ ଆମ୍ଭମାନଙ୍କ ଚେଷ୍ଟା ରହିଥିବ । ପରମେଶ୍ୱରଙ୍କର ମହାନାମର ଧନ୍ୟ ହେଉ,ଯେ ତାହାଙ୍କ ଆତ୍ମାକୁ ଆମ୍ଭମାନଙ୍କ ଆତ୍ମାମାନଙ୍କ ସହିତ କାର୍ଯ୍ୟ କରାନ୍ତି,ଆମ୍ଭମାନଙ୍କ ମୁକ୍ତିଦାତା ପ୍ରଭୁ ଯୀଶୁଖ୍ରୀଷ୍ଟ ମଧ୍ୟ କହିଛନ୍ତି,ସତ୍ୟ  ପବିତ୍ର ଆତ୍ମା ସମସ୍ତ ସତ୍ୟରେ ଆମ୍ଭମାନଙ୍କୁ ପରିଚାଳନା କରିବେ,ଯୀଶୁଙ୍କର ସମସ୍ତ ଶିକ୍ଷା ଓ ଉପଦେଶ ଆମ୍ଭମାନଙ୍କୁ ସ୍ମରଣ କରାଇବେ, ପୁଣି ସତ୍ୟ ବାକ୍ୟରେ ଆମ୍ଭମାନଙ୍କୁ ସ୍ଥିର କରି ରଖିବେ ।ତାହାଙ୍କ ସହାୟତାରେ ଆମ୍ଭେମାନେ ପ୍ରଚାର କରୁ ଓ ଶିକ୍ଷା ଦେଇଥାଉ । ସମସ୍ତ ଗୌରବ,ସଂଭ୍ରମ,ମହିମା, ପ୍ରଶଂସା,ସ୍ତୁତି, ଧନ୍ୟବାଦ, କର୍ତ୍ତାପଣ ଓ ପରାକ୍ରମ ଯୁଗେ ଯୁଗେ ତାହାଙ୍କର ।ଆମେନ୍ ।

ଅର୍ଥାତ୍ ବ୍ୟବସ୍ଥାର କ୍ରିୟାକର୍ମ ଦ୍ୱାରା, କିନ୍ତୁ ବାସ୍ତବରେ ଏହି ଉତ୍ତର ବାଇବଲ ଅନୁସାରେ ଠିକ୍ ନୁହେଁ । କାରଣ ପରମେଶ୍ୱରଙ୍କ ବାକ୍ୟ କୁହେ, (କାରଣ ବ୍ୟବସ୍ଥାର କ୍ରିୟାକର୍ମ ଦ୍ୱାରା କୌଣସି ପ୍ରାଣୀ ତାହାଙ୍କ ଛାମୁରେ ଧାର୍ମିକ ଗଣିତ ହେବ ନାହିଁ,ଯେହେତୁ ବ୍ୟବସ୍ଥା ଦ୍ୱାରା ପାପର ଜ୍ଞାନ ଜନ୍ମେ । (ରୋମୀୟ 3:20) ।

## ବ୍ୟବସ୍ଥା ଓ ସୁସମାଚାରର ଉଦ୍ଦେଶ୍ୟ

ବାଇବଲ ଶିକ୍ଷା ଦେବା ସମୟରେ ସଦାସର୍ବଦା ବ୍ୟବସ୍ଥା ଓ ସୁସମାଚାରର ଉଦ୍ଦେଶ୍ୟ ବିଷୟରେ ସ୍ୱଷ୍ଟ ରୂପରେ ଶିକ୍ଷା ଦେବା ଦରକାର ।ସବୁବେଳେ ସତ୍ୟ ବାକ୍ୟର ଯଥାର୍ଥରୂପେ ବ୍ୟବହାର କରିବା ଉଚିତ୍ ।ସୁସମାଚାର, ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ । ( ରୋମୀୟ 1:16)ଓ ( ଯୋହନ 3:16) । ପରମେଶ୍ୱରଙ୍କ ବାକ୍ୟ ବାଇବଲର ସ୍ୱଷ୍ଟ ରୂପରେ ବ୍ୟକ୍ତ କରେ ଯେ,ପରିତ୍ରାଣ ସୀନୟ ପର୍ବତରେ ନୁହେଁ,କିନ୍ତୁ କାଲବରୀର ଗଲ୍ ଗଥା ପର୍ବତରେ ହିଁ ସମ୍ଭବ ।ବ୍ୟବସ୍ଥା ରୁ ପରିତ୍ରାଣ କେବେ ହେଲେ ସମ୍ଭବ ନୁହେଁ ,କାରଣ ବ୍ୟବସ୍ଥା କୁହେ, ପାପର



ଯେଉଁମାନେ ଜୀବିତ,ସେମାନେ ଆଉ ଆପଣା ଆପଣା ନିମନ୍ତେ ଜୀବନ ଯାପନ ନ କରି ବରଂ ଯେ ସେମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ ଓ ଉତ୍ ଥାପିତ ହେଲେ,ତାହାଙ୍କ ନିମନ୍ତେ ଜୀବନ ଯାପନ କରନ୍ତି ।(2କରିନ୍ଥୀୟ5:14-15) । ଆମ୍ଭେ ପୁରସ୍କାର ପାଇବା ଆଶାରେ ଭଲ କାମ କରିବାକୁ ଚେଷ୍ଟା ନ କରି, ଖ୍ରୀଷ୍ଟ ଯୀଶୁଙ୍କ ଅନୁଗାମୀ ହେବାକୁ ଚେଷ୍ଟା କରୁଅଛୁ,ଯାହା ଦ୍ୱାରା ସେ ଯେଉଁ ସ୍ଥାନକୁ ଗଲେ, ଆମ୍ଭେମାନେ ମଧ୍ୟ ସେ ସ୍ଥାନକୁ ଯାଇପାରୁ, ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟଭୋଗ କଲେ,ମୃତ୍ୟଞ୍ଜୟୀ ହେଲେ ଓ ଆମ୍ଭମାନଙ୍କର ପଥ ପ୍ରଦର୍ଶକ ହୋଇ ଆମ୍ଭମାନଙ୍କ ଅଗ୍ରଗାମୀ ହୋଇଅଛନ୍ତି । ଆମ୍ଭେମାନେ ଦଣ୍ଡକୁ ଭୟ କରୁନାହୁଁ,କାରଣ ଖ୍ରୀଷ୍ଟ ପୂର୍ବରୁ ଆମ୍ଭମାନଙ୍କ ନିମନ୍ତେ ଦଣ୍ଡଭୋଗ କରି ସାରିଛନ୍ତି ।( ପ୍ରେମରେ ଭୟ ନ ଥାଏ, କାରଣ ସିଦ୍ଧ ପ୍ରେମ ଭୟକୁ ଦୂର କରେ । ( 1ଯୋହନ 2:18) ।

ପିତା ଆମ୍ଭମାନଙ୍କୁ ଦଣ୍ଡ ଦେବେ ? କଦାପି ନୁହେଁ, କାରଣ ପିତାଙ୍କ ଆଜ୍ଞାର ପାଳନ ହୋଇସାରିଛି , ଅବଶ୍ୟ,ଆମ୍ଭମାନଙ୍କ ଦ୍ୱାରା ନୁହଁ, କିନ୍ତୁ ଆମ୍ଭମାନଙ୍କ ପାଇଁ ,ଆମ୍ଭମାନଙ୍କ ବଡ଼ ଭାଇ ଆଜ୍ଞା ପାଳନ କରିଛନ୍ତି ଓ ଦଣ୍ଡରୁ ଆମ୍ଭମାନଙ୍କୁ ରକ୍ଷା କରିଛନ୍ତି । ଆମ୍ଭମାନଙ୍କର ତ୍ରାଣକର୍ତ୍ତା ପ୍ରଭୁଯୀଶୁଙ୍କ ବ୍ୟବସ୍ଥା ପାଳନ ଦ୍ୱାରା, ଆମ୍ଭମାନଙ୍କୁ ସୁସମାଚାର ମାଧ୍ୟମରେ ଅନନ୍ତ ଜୀବନ ଅନୁଗ୍ରହରେ ପ୍ରଦତ୍ତ ହୋଇଅଛି ।

## ବ୍ୟବସ୍ଥା ଓ ସୁସମାଚାରର ଲକ୍ଷ୍ୟ

ଖ୍ରୀଷ୍ଟିୟ ଜୀବନରେ ଚାଳନା ଓ ପ୍ରେରଣା ବ୍ୟବସ୍ଥାରୁ ନୁହଁ, ମାତ୍ର ସୁସମାଚାରୁ ମିଳିଥାଏ ।ଜୀବନର ପ୍ରକୃତ ପ୍ରଗତି ଓ ପ୍ରେରଣା ସୁସମାଚାରୁ ହିଁ ସମ୍ଭବ ହୁଏ ।(କାରଣ ଖ୍ରୀଷ୍ଟଙ୍କ ପ୍ରେମ ଆମ୍ଭମାନଙ୍କୁ ବଶରେ ରଖି ଚଳାଉଅଛି,ଯେଣୁ ଆମ୍ଭେମାନେ ଏହି ବିଚାର କରୁଅଛୁ ଯେ,ଜଣେ ସମସ୍ତଙ୍କ ନିମନ୍ତେ ମୃତ୍ୟୁଭୋଗ କରିଥିବାରୁ ସମସ୍ତେ ମୃତ ହେଲେ,ଆଉ ସେ ସମସ୍ତଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ,ଯେପରି



ବେତନ ମୃତ୍ୟୁ । ( ରୋମୀୟ 6:23 ) ।ଯେଉଁ ପ୍ରାଣୀ ପାପ କରେ ସେହି ମରିବ (ଯିହିଜିକଲ 18:4) ।( କାରଣ ଯେ କେହି ସମସ୍ତ ବ୍ୟବସ୍ଥା ପାଳନ କରି କେବଳ ଗୋଟିକ ବିଷୟରେ ଝୁଣ୍ଟିପଡ଼େ,ତେବେ ସେ ସମସ୍ତ ବ୍ୟବସ୍ଥା ଲଂଘନଦୋଷରେ ଦଣ୍ଡନୀୟ ହୁଏ । ) । ( ଯାକୁବ 2:10) । ( କାରଣ ଯେତେ ଲୋକ ବ୍ୟବସ୍ଥା କ୍ରିୟାକର୍ମ କରନ୍ତି,ସେମାନେ ଶାପଗ୍ରସ୍ତ, ଯେଣୁ ଲେଖାଅଛି,ଯେ କେହି ବ୍ୟବସ୍ଥା ପୁସ୍ତକରେ ଲିଖିତ ସମସ୍ତ ପାଳନ କରିବା ପାଇଁ ସେଥିରେ ନିତ୍ୟ ପ୍ରବୃତ ନ ହୁଏ,ସେ ଶାପଗ୍ରସ୍ତ ।ବ୍ୟବସ୍ଥା ଦ୍ୱାରା କେହି ଯେ ଈଶ୍ୱରଙ୍କ ସାକ୍ଷାତରେ ଧାର୍ମିକ ଗଣିତ ହୁଏ ନାହିଁ ,ଏହା ତ ସ୍ପଷ୍ଟ ,କାରଣ ଧାର୍ମିକ ବିଶ୍ୱାସ ଦ୍ୱାରା ବଞ୍ଚିବ ।) (ଗାଲାତୀୟ 3:10-11) ।ବ୍ୟବସ୍ଥାର ମୂଖ୍ୟ କାର୍ଯ୍ୟ,ଦର୍ପଣର କାର୍ଯ୍ୟ ପରି,ଯାହା ଦ୍ୱାରା ଆମ୍ଭେ ଆପଣାର ନଷ୍ଟ ଅବସ୍ଥା ସ୍ପଷ୍ଟ ଦେଖିପାରୁ ।(....ଯେହେତୁ ବ୍ୟବସ୍ଥା ଦ୍ୱାରା ପାପର ଜ୍ଞାନ ଜନ୍ମେ । ( ରୋମୀୟ3:20) ।ବ୍ୟବସ୍ଥାର ଦ୍ୱାରା ହିଁ ସମସ୍ତଙ୍କୁ ପରିତ୍ରାଣର ଆବଶ୍ୟକତା ସ୍ପଷ୍ଟ ଜଣାପଡ଼େ ।କେବଳ ସେତିକି ନୁହଁ, ବ୍ୟବସ୍ଥା ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ଆପଣା ଜୀବନରେ

ପରମେଶ୍ୱରଙ୍କ ଇଚ୍ଛା ଓ ତାହାଙ୍କ ପ୍ରତି ଆପଣା କର୍ତ୍ତବ୍ୟ ଭଲ ଭାବେ ବୁଝିପାରେ ।ଗୀତସଂହିତା 119:105,32) ।ବ୍ୟବସ୍ଥା ଗୋଟିଏ ଲୁହାର ସିକୁଂଳି(ଚେନ୍) ପରି କାମ କରେ ଯାହା ଦ୍ୱାରା ଦୋଷୀକୁ ବନ୍ଧାଯାଏ ଓ ଦଣ୍ଡିତ କରାଯାଏ ।(ଗୀତସଂହିତା 119:120,1ତିମଥି 1:9-10 )।

## ବ୍ୟବସ୍ଥା ଓ ସୁସମାଚାରର ଶକ୍ତି

ପରମେଶ୍ୱରଙ୍କ ବାକ୍ୟରୁ ସ୍ପଷ୍ଟ ଜଣାପଡୁଛି ଯେ, ଆମ୍ଭମାନଙ୍କୁ ପରିତ୍ରାଣ କରିବାର ଶକ୍ତି ବ୍ୟବସ୍ଥାରେ ନାହିଁ,କିନ୍ତୁ ସୁସମାଚାରରେ ଅଛି ।(ରୋମୀୟ 1:16,1କରନ୍ଥୀୟ1:18) । କୁର୍ଥ ନାମକ ଜଣେ ପାଳକ ଗୋଟିଏ ଉଦାହରଣ ଦିଅନ୍ତି,ଜଣେ ପିତା ସକାଳେ ଆପଣା ସାନ ପୁଅକୁ ପାଖକୁ ଡ଼ାକି ଆଜ୍ଞା ଦେଇ କହିଲେ,ରେ ପୁଅ,ମୁଁ ବାହାରକୁ ଯାଉଛି,ରାତିରେ ଘରକୁ ଫେରିବା ବେଳେ ତୁ ଏ ବଡ଼ କାଠ ଖଣ୍ଡକ ଛୋଟ ଛୋଟ ଖଣ୍ଡରେ ହାଣି ଫାଡ଼ିଥିବୁ,ଯଦି ନକରିଥିବୁ ତା ହେଲେ ମୁଁ ଆସି ତୋତେ ଶାସ୍ତି ଦେବି



।ସାନ ପୁଅ ପିତାଙ୍କ ଆଜ୍ଞା ପାଳନ କରିବାକୁ ଚେଷ୍ଟା ତ କଲା,କିନ୍ତୁ ସେ ଛୋଟ ଓ ଦୁର୍ବଳ ଥିବା ହେତୁ ସେହି କଠିନ କାମ କରି ପାରିଲା ନାହିଁ, କିନ୍ତୁ ଯେତେବେସେ ତାର ବଡ଼ ଭାଇ ସେଠାକୁ ଆସି ତାହାର ପରିସ୍ଥିତି ଦେଖିଲା ଓ ତାହା ଉପରେ ଦୟା କରି କହିଲା,ଭାଇରେ, ତୁ ଏ କଠିନ କାମ କରି ପାରୁନାହୁଁ,ଦେ, ସେ କୁହ୍ରାଡ଼ି ଟା ମୋ ହାତରେ ଦେ,ଆଉ ହଟି ଯା,ମୁଁ ତୋ ପାଇଁ ଏ କାମ କରି ଦେବି । ବଡ଼ ଭାଇ ସାନ ଭାଇ ପାଇଁ ସେ କାମ କରିଦେଲା ।ବର୍ତ୍ତମାନ ଆପଣ କୁହନ୍ତୁ, ଯେତେବେଳେ ପିତା ଘରକୁ ଫେରିବେ,କଅଣ ସେ ସାନ ପୁଅକୁ ଶାସ୍ତି ଦେବେ ? କଦାପି ନୁହେଁ, କାରଣ କାମ କରାଯାଇଛି । ଅବଶ୍ୟ,ଅନ୍ୟ ବ୍ୟକ୍ତି ଦ୍ୱାରା ଆଜ୍ଞା ପାଳନ ପୁର୍ଣ୍ଣ ହୋଇଛି ।ଠିକ୍ ସେ ପ୍ରକାର, ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ମଧ୍ୟ ଆମ୍ଭମାନଙ୍କୁ ବ୍ୟବସ୍ଥା ପାଳନର ଆଜ୍ଞା ଦେଲେ, କିନ୍ତୁ ଆମ୍ଭେ ଅଧମ ଓ ଦୁର୍ବଳ ମନୁଷ୍ୟ, ପିତାଙ୍କର ଆଜ୍ଞା ପୁରା କରି ପାରିଲୁ ନାହିଁ, କିନ୍ତୁ ଆମ୍ଭମାନଙ୍କ ବଡ଼ ଭାଇ ପ୍ରଭୁ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ପାଇଁ ବ୍ୟବସ୍ଥାର ଆଜ୍ଞା ପାଳନ କରିଛନ୍ତି ।ବର୍ତ୍ତମାନ ଆପଣ କହନ୍ତୁ, କଅଣ